# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 4 July – 2026

************************************

## ମୁଖ୍ୟ ସମ୍ବାଦ

- ସରକାର ଏବଂ ଆନ୍ଦୋଳନରତ ଡାକ୍ତରଙ୍କ ମଧ୍ୟରେ ରାଜ୍ୟ ସଚିବାଳୟରେ ଆଲୋଚନା ଜାରି
- ୨୦୨୫-୨୬ ରବିଋତୁରେ ଧାନ ସଂଗ୍ରହ ଲକ୍ଷ୍ୟ ପୂରଣ ହୋଇଛି; କହିଲେ ସମବାୟ ମନ୍ତ୍ରୀ
- ପୁରୀ ଶ୍ରୀମନ୍ଦିର ଅଣସର ଘରେ ଚତୁର୍ଦ୍ଧାମୂର୍ତ୍ତିଙ୍କର ଚାଲିଛି ଗୁପ୍ତସେବା ନୀତି

– ଆଜି ଲାଗି ହେବ ଫୁଲୁରୀତେଲ

ଏବଂ

- ଲଘୁଚାପ ପ୍ରଭାବରେ ରାଜ୍ୟରେ ଦକ୍ଷିଣ–ପଶ୍ଚିମ ମୌସୁମୀବାୟୁ ଅଧିକ ସକ୍ରିୟ ହେବା ସହ ବିଭିନ୍ନ ଅଞ୍ଚଳରେ ଲାଗି ରହିଛି ବର୍ଷା

HS

## ଡାକ୍ତରଙ୍କ ଆନ୍ଦୋଳନ

ରାଜ୍ୟରେ ରୋଗୀସେବାକୁ ବ୍ୟବସ୍ଥିତ କରିବା ଲକ୍ଷ୍ୟ ନେଇ ଆନ୍ଦୋଳନରତ ଡାକ୍ତର ଏବଂ ସରକାରଙ୍କ ମଧ୍ୟରେ ବୈଠକ ଜାରି ରହିଛି। ଭୁବନେଶ୍ୱର ରାଜ୍ୟ ସଚିବାଳୟଠାରେ ଜାରି ରହିଥିବା ବୈଠକରେ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ, ସ୍ୱାସ୍ଥ୍ୟ ବିଭାଗର ଉଚ୍ଚପଦସ୍ଥ ଅଧିକାରୀ ଏବଂ ଡାକ୍ତରଙ୍କ ପ୍ରତିନିଧି ମଣ୍ଡଳୀ ଆଲୋଚନା କରୁଛନ୍ତି। ସୂଚନାଯୋଗ୍ୟ, ଡାକ୍ତରଙ୍କ ଆନ୍ଦୋଳନ ଆଜି ଚତୁର୍ଥ ଦିନରେ ପହଁଞ୍ଚିଛି।

HS

## ରବିଧାନ ସଂଗ୍ରହ

ରାଜ୍ୟରେ ୨୦୨୫-୨୬ ବର୍ଷରେ ରବିଧାନ ସଂଗ୍ରହ ଲକ୍ଷ୍ୟପୂରଣ ହୋଇଥିବା ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି। ସେ କହିଛନ୍ତି, ୨୫-୨୬ ରବିଧାନ ସଂଗ୍ରହ ପାଇଁ ୨୦ ଲକ୍ଷ ମେଟ୍ରିକ ଟନ୍ ଲକ୍ଷ ଧାର୍ଯ୍ୟ କରାଯାଇଥିବା ବେଳେ ଗତକାଲି ସୁଦ୍ଧା ୨୦ ଦଶମିକ ୨/୦ ଲକ୍ଷ ମେଟ୍ରିକ ଟନ୍ ଧାନ କ୍ରୟ କରାଯାଇଛି। ୩ ଲକ୍ଷ ୫୯ ହଜାରରୁ ଅଧିକ ଚାଷୀ ଧାନ ବିକ୍ରି କରିଥିବା ବେଳେ ସେମାନଙ୍କୁ ୪ ହଜାର ୬୯କୋଟି ଟଙ୍କା ସର୍ବନିମ୍ନ ସହାୟକ ମୂଲ୍ୟ ଓ ୧ ହଜାର ୨୫୫ କୋଟି ଟଙ୍କା ଇନପୁଟ୍ ସହାୟତା ପ୍ରଦାନ କରାଯାଇଛି। ତେବେ ଧାନକିଣା ସମୟ ଆଉ ବୃଦ୍ଧି କରାଯିବ ନାହଇଁ ବୋଲି ମନ୍ତ୍ରୀ ଶ୍ରୀ ବଳସାମନ୍ତ କହିଛନ୍ତି।

HS

# ସାର ମହଜୁଦ

ଚଳିତ ବର୍ଷ ରାଜ୍ୟରେ ସାର ଅଭାବ ରହିବ ନାହିଁ ବୋଲି ସମବାୟ ମନ୍ତ୍ରୀ କହିଛନ୍ତି। ରାଜ୍ୟର ସବୁ ପ୍ୟାକ୍ସରେ ପର୍ଯ୍ୟାପ୍ତ ପରିମାଣର ୟୁରିଆ ସାର ମହଜୁଦ ରହିଥିବା ଶ୍ରୀ ବଳସାମନ୍ତ କହିଛନ୍ତି। ସୂଚନା ଅନୁଯାୟୀ, ଏବେ ରାଜ୍ୟରେ ୮୧ ହଜାର ଟନ୍ ସାର ଗଚ୍ଛିତ ଥିବା ବେଳେ ଆଗାମୀ ଦିନରେ ଅଧିକ ସାର ଆସିବ ବୋଲି ସେ କହିଛନ୍ତି। ଚଳିତ ବର୍ଷ ୮୦ ହଜାର ଟନ୍‌ରୁ ଅଧିକ ୟୁରିଆ, ୯ ହଜାର ଟନ୍ ଏମ୍.ଓ.ପି., ୧୭ ହଜାର ଟନ୍ ବି.ଏ.ପି. ଓ ୨୯ ହଜାର ଟନ୍ ଏନ୍.ପି.କେ.ଏସ୍. ସାର ମହଜୁଦ ରହିଥିବା ସୂଚନା ମିଳିଛି।

Desk

# ବିଦ୍ୟାଳୟ ପ୍ରତିଷ୍ଠା– ସଂଶୋଧିତ ଆଇନ

ରାଜ୍ୟରେ ଘରୋଇ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା ଏବଂ ପରିଚାଳନା ପାଇଁ ନୂତନ ସଂଶୋଧିତ ନିୟମାବଳୀ ଜାରି କରାଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଓଡ଼ିଶା ଶିକ୍ଷା ଆଇନ- ୧୯୬୯ ଏବଂ ଶିକ୍ଷା ଅଧିକାର ଆଇନ-୨୦୦୯ର ବିଭିନ୍ନ ଧାରାକୁ ଆଧାର କରି ଏହି ନୂତନ ସଂଶୋଧିତ ନିୟମାବଳୀ ପ୍ରସ୍ତୁତ କରାଯାଇଛି। ଏଣିକି ସରକାରଙ୍କ ଅନୁମତି ବିନା ଏବଂ ସ୍ୱୀକୃତି ପ୍ରମାଣପତ୍ର

ନଥିଲେ ରାଜ୍ୟରେ କୌଣସି ବିଦ୍ୟାଳୟ ପ୍ରତିଷ୍ଠା କିମ୍ବା ପରିଚାଳନା କରାଯାଇପାରିବ ନାହିଁ।

ନୂତନ ସଂଶୋଧିତ ନିୟମ ଅନୁଯାୟୀ, ଘରୋଇ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ସୁରକ୍ଷିତ ଓ ସ୍ୱାସ୍ଥ୍ୟକର ପରିବେଶ, ପାନୀୟଜଳ, ଖେଳ ପଡ଼ିଆ ଏବଂ ରାମ୍ପ ଭଳି ମୌଳିକ ସୁବିଧାକୁ ବାଧ୍ୟତାମୂଳକ କରାଯାଇଥିବା ବେଳେ ଶିକ୍ଷାବର୍ଷ ଆରମ୍ଭ ହେବା ପୂର୍ବରୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଅନୁମତି ପରେ ହିଁ ନୂତନ ବିଦ୍ୟାଳୟ ଖୋଲା ଯାଇପାରିବ।

Nabarangpur

## ସେତୁ ଲୋକାର୍ପଣ

ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଆଜି ନବରଙ୍ଗପୁର ଜିଲ୍ଲା ଗସ୍ତରେ ଯାଇ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। ମନ୍ତ୍ରୀ ଶ୍ରୀ ଗଣ୍ଡ ଉମରକୋଟ ବ୍ଲକ ଗସ୍ତ କରି ଉମରକୋଟ–ରାଇଘର ସଂଯୋଗୀକରଣ ସେତୁର ଲୋକାର୍ପଣ କରିଛନ୍ତି। ପୂର୍ତ୍ତ ବିଭାଗ ଦ୍ୱାରା ଭାସ୍କେଲ ନଦୀ ଉପରେ ୪ କୋଟି ୮ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ସେତୁ ନିର୍ମାଣ କରାଯାଇଛି। ରାଜ୍ୟ ରାଜପଥ ସଂଲଗ୍ନ ଏହି ସଂଯୋଗୀକରଣ ସେତୁ ଗମନାଗମନ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବ ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି।

Desk

## ସ୍ୱାମୀ ବିବେକାନନ୍ଦ ତିରୋଧାନ ଦିବସ

ଆଧ୍ୟାତ୍ମିକ ଗୁରୁ, ସଂସ୍କାରକ, ଦାର୍ଶନିକ, ଶିକ୍ଷାବିତ୍ ଓ ସନାତନ ଧର୍ମକୁ ବିଶ୍ୱସ୍ତରରେ ପରିଚିତ କରାଇଥିବା ସ୍ୱାମୀ ବିବେକାନନ୍ଦଙ୍କ ଆଜି ତିରୋଧାନ ଦିବସ। ଧରାପୃଷ୍ଠରେ ଯେଉଁ କେତେଜଣ ପ୍ରସିଦ୍ଧ ସନ୍ନ୍ୟାସୀଙ୍କ କଥା ଆଲୋଚିତ ହୋଇଥାଏ, ସେମାନଙ୍କ ମଧ୍ୟରୁ ସ୍ୱାମୀ ବିବେକାନନ୍ଦ ଅନ୍ୟତମ। ଆଧ୍ୟାତ୍ମିକ ଗୁରୁ ରାମକୃଷ୍ଣ ପରମହଂସଙ୍କ ଶିଷ୍ୟ ବିବେକାନନ୍ଦ ବେଦ ଓ ଯୋଗ ଦର୍ଶନ ପାଇଁ ସମଗ୍ର ବିଶ୍ୱରେ ଲୋକପ୍ରିୟ ଥିଲେ। ୧୮୯୩ ମସିହା ସେପ୍ଟେମ୍ବର ୧୧ ତାରିଖରେ ଆମେରିକାର ଚିକାଗୋ ସହରରେ ଆୟୋଜିତ ଧର୍ମ ସଭାରେ ସମ୍ବୋଧନ କରି ସେ ତାଙ୍କର ଓଜସ୍ୱିନୀ ବକ୍ତୃତାର ପରିଚୟ ଦେଇଥିଲେ। ଭାରତୀୟ ସଂସ୍କୃତି ଉପରେ ଆଧାରିତ ସ୍ୱାମୀ ବିବେକାନନ୍ଦଙ୍କ ଚିକାଗୋର ପାଣ୍ଡିତ୍ୟପୂର୍ଣ୍ଣ ଭାଷଣ ତାଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେବା ସହିତ ଭାରତୀୟ ମୂଲ୍ୟବୋଧକୁ ପରିଚିତ କରାଇଥିଲା। ୧୮୯୭ ମସିହାରେ ତାଙ୍କର ଗୁରୁ ସନ୍ଥ ଶ୍ରୀରାମକୃଷ୍ଣ ପରମହଂସଙ୍କ ନାମରେ ସମାଜ ସେବା ପାଇଁ ସେ ରାମକୃଷ୍ଣ ମିଶନ ପ୍ରତିଷ୍ଠା କରିଥିଲେ। ସ୍ୱାମୀ ବିବେକାନନ୍ଦ ଥିଲେ ଯୁବ ସମାଜର ମାର୍ଗଦର୍ଶକ। ୧୯୦୨ ମସିହା ଆଜିର ଦିନରେ ମାତ୍ର ୩୯ ବର୍ଷ ବୟସରେ କୋଲକାତାର ବେଲୁରମଠଠାରେ ଏହି ମହାନ ଆତ୍ମାଙ୍କର ଦେହାବସାନ ଘଟିଥିଲା। ସ୍ୱାମୀ ବିବେକାନନ୍ଦଙ୍କର ତିରୋଧାନ ଦିବସରେ ଦେଶବାସୀ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

Puri

# ଶ୍ରୀଜୀଉ-ଫୁଲୁରି ତେଲ ଲାଗି

ପୁରୀ ଶ୍ରୀମନ୍ଦିରରେ ଜ୍ୱରରେ ପୀଡିତ ଦାରୁ ବିଗ୍ରହ ମାନଙ୍କର ଅଣସର ଘରେ ଗୁପ୍ତସେବା ଚାଲିଛି । ଗତକାଲି ଶ୍ରୀଜୀଉମାନଙ୍କ ଶରୀରରୁ ବର୍ଷସାରା ଲାଗି ହୋଇଥିବା ଚନ୍ଦନ, ପାଟଡୋରୀ ଓ ଶ୍ରୀମୁଖରୁ କନା ଆଦି କଢ଼ାଯାଇଛି । ଆଜି ଶ୍ରୀଜୀଉ ମାନଙ୍କର ଶ୍ରୀଅଙ୍ଗ ଫିଟା ନୀତି ପରେ ଫୁଲୁରୀ ତେଲ ଲାଗି ହେବ । ପରମ୍ପରା ଅନୁସାରେ ବଡ ଓଡ଼ିଆ ମଠ ପକ୍ଷରୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଫୁଲୁରୀ ତେଲକୁ ଏକବର୍ଷ ପୂର୍ବରୁ ମାଟିତଳେ ପୋତାଯାଇ ରଖାଯାଇଥାଏ । ଏହି ଦିବ୍ୟ ତେଲକୁ ଦଇତାପତି ସେବକମାନେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗି କରିବେ । ବିଶ୍ୱାସ ରହିଛି ଏହି ତେଲ ପ୍ରଲେପ ପରେ ଜ୍ୱରରେ ପୀଡିତ ଶ୍ରୀଜୀଉମାନଙ୍କର କଷ୍ଟ ଲାଘବ ହୋଇଥାଏ । ଫୁଲୁରୀ ତେଲ ସମ୍ପର୍କରେ ବଡ଼ ଓଡ଼ିଆ ମଠର ମହନ୍ତ ବଂଶୀଧାର ଦାସ ଗୋସ୍ୱାମୀ ଆକାଶବାଣୀକୁ କହିଛନ୍ତି...

**- V/O –**

Puri

## ରଥଯାତ୍ର– ସମୀକ୍ଷା ବୈଠକ

ଆଗାମୀ ରଥଯାତ୍ରାକୁ ଶୃଙ୍ଖଳିତ ଓ ଅଘଟଣ ଶୂନ୍ୟ କରିବା ଲାଗି ଆଜି ପୁରୀରେ ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ସମୀକ୍ଷା କରୁଛନ୍ତି। ବୈଠକରେ ଭିଡ଼ ନିୟନ୍ତ୍ରଣ, ଟ୍ରାଫିକ ବ୍ୟବସ୍ଥା ତଥା ଶ୍ରଦ୍ଧାଳୁମାନଙ୍କ ସୁରକ୍ଷା ନେଇ ସମୀକ୍ଷା କରାଯାଉଛି। ବୈଠକରେ ଅତିରିକ୍ତ

ମହାନିର୍ଦ୍ଦେଶକ ଆର୍.ପି.କୋଚେଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ପୁଲିସ ଅଧିକାରୀମାନେ ଯୋଗ ଦେଇଛନ୍ତି ।

ଗତକାଲି ପୁରୀରେ ୨୪ ଘଣ୍ଟିଆ ପରିମଳ ବ୍ୟବସ୍ଥା ନେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ିଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ପୁରୀ ପୌରାଞ୍ଚଳରେ ଥିବା ରାସ୍ତାଗୁଡ଼ିକର ମରାମତି, ନାଳ ସଫେଇ, ଖୋଲା ନାଳ ଉପରେ ସିମେଣ୍ଟ ଘୋଡ଼ଣୀ ପକାଇବା, ରାସ୍ତା ଆଲୋକୀକରଣ ଏବଂ ଅସ୍ଥାୟୀ ଗାଡ଼ି ପାର୍କିଂ ସ୍ଥାନରେ ମୌଳିକ ସୁବିଧା ବ୍ୟବସ୍ଥା କରିବାକୁ ଆଲୋଚନା ହୋଇଛି । ଅନ୍ୟପକ୍ଷରେ ଓ୍ୱାଟ୍‌କୋ ପକ୍ଷରୁ ଶ୍ରଦ୍ଧାଳୁଙ୍କ ସମେତ ସ୍ଥାନୀୟ ଅଧିବାସୀଙ୍କୁ ୨୪ ଘଣ୍ଟିଆ ପାନୀୟ ଜଳ ଯୋଗାଇ ଦେବା ଲାଗି ପଦକ୍ଷେପ ନେବାକୁ ମଧ୍ୟ ନିଷ୍ପତ୍ତି ହୋଇଛି ।

Desk

# କୋଅପରେଟିଭ୍ ଡେ

ସମବାୟ କ୍ଷେତ୍ରକୁ ଅଧିକ ସଶକ୍ତ କରିବା ଏବଂ ଏ ସଂପର୍କରେ ସଚେତନତା ସୃଷ୍ଟି ଲକ୍ଷ୍ୟ ନେଇ  ଆଜି ଆନ୍ତର୍ଜାତିକ ସମବାୟ ଦିବସ ପାଳନ କରାଯାଉଛି । ପ୍ରତିବର୍ଷ ଜୁଲାଇ ମାସ ପ୍ରଥମ ଶନିବାର ଦିନ ଏହି ଦିବସ  ପାଳନ କରାଯାଏ । ଚଳିତବର୍ଷର ବିଷୟବସ୍ତୁ ରହିଛି **ଶାନ୍ତିପୂର୍ଣ୍ଣ ବିଶ୍ୱ ପାଇଁ ସମବାୟ ।** ସାଂପ୍ରତିକ ସଂଘର୍ଷମୟ ପରିସ୍ଥିତିରେ ଏକ

ଏକୀକୃତ, ସୁଦୃଢ଼ ଏବଂ ଶାନ୍ତିପୂର୍ଣ୍ଣ ସମାଜ ଗଠନରେ ସମବାୟର ଭୂମିକା ଉପରେ ଏହି ପ୍ରସଙ୍ଗ ପ୍ରତିଫଳନ କରୁଛି ।

Nuapada

## ରବିଧାନ କ୍ରୟ

ନୂଆପଡ଼ା ଜିଲ୍ଲାରେ ସମସ୍ତ ଚାଷୀଙ୍କ ଧାନ କ୍ରୟ କରିବା ଲାଗି ଜିଲ୍ଲାପାଳ ପ୍ରତିଶ୍ରୁତି ଦେବା ପରେ ଶତପ୍ରତିଶତ ଚାଷୀଙ୍କ ଆଇ ସ୍କାନ୍ ଶେଷ ହୋଇଛି । ଗତକାଲି ବିଳମ୍ବିତ ରାତି ସୁଦ୍ଧା ଆଇ ସ୍କାନ୍ କାର୍ଯ୍ୟ ଶେଷ ହୋଇଥିବା ସୂଚନା ମିଳିଛି । ପୂର୍ବରୁ ରବିଧାନ କ୍ରୟ ନେଇ ସମସ୍ୟା ଦେଖା ଦେବାରୁ ଚାଷୀମାନେ  ଏହାର ତୁରନ୍ତ ସମାଧାନ ନେଇ ଦାବି କରିଥିଲେ ।

BHK/Jajpur

## ବନ ମହୋତ୍ସବ

ଯାଜପୁର ଜିଲ୍ଲା ପରିବେଶ ସମିତି ଆନୁକୂଲ୍ୟରେ ସତ୍ୟଭାମା ଗଣେଶଚନ୍ଦ୍ର ସରକାରୀ ଉଚ୍ଚବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି ।    ଏଥିରେ ଅତିଥିମାନେ ଜଳବାୟୁ ପରିବର୍ତ୍ତନର କାରଣ, ନିରାକରଣ, ଜଙ୍ଗଲ ସୃଷ୍ଟି ଓ ତା'ର ରକ୍ଷଣବେକ୍ଷଣ ଉପରେ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରାଇଥିଲେ ।

ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ପୂର୍ଣ୍ଣଚନ୍ଦ୍ର ଉଚ୍ଚବିଦ୍ୟାଳୟରେ ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ

ବନଖଣ୍ଡ ଅଧିକାରୀ ଯୋଗଦେଇ ଜଳବାୟୁ ପରିବର୍ତ୍ତନ, ପରିବେଶ ପ୍ରଦୂଷଣ ଓ ଚାରାରୋପଣ ଉପରେ ଆଲୋଚନା କରିଥିଲେ।

Boudh

## ନୂତନ କୋଠା ନିର୍ମାଣ

ବୌଦ୍ଧ ଜିଲ୍ଲାରେ ନିର୍ମାଣାଧୀନ ସ୍ୱାସ୍ଥ୍ୟ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମ୍ପର୍କରେ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ସମୀକ୍ଷା କରିଛନ୍ତି। ମନମୁଣ୍ଡାରେ ଚାଲିଥିବା ୫୦ ଶଯ୍ୟା ବିଶିଷ୍ଟ ମାତୃ ଓ ଶିଶୁ ଚିକିତ୍ସା କେନ୍ଦ୍ର ଏବଂ ପଲସାଗୋରା ସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ କୋଠା ନିର୍ମାଣ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀମାନଙ୍କୁ ଜରୁରୀକାଳୀନ ଚିକିତ୍ସା ସେବା ଯୋଗାଇ ଦେବା ଉପରେ ଜିଲ୍ଲାପାଳ ଗୁରୁତ୍ୱ ପ୍ରଦାନ କରିଛନ୍ତି।

Desk

## ଫୁଟବଲ ପ୍ରତିଯୋଗିତା

ଭୁବନେଶ୍ୱରରେ ଅନୁଷ୍ଠିତ ଉତ୍ତର-ପୂର୍ବାଞ୍ଚଳ ଦୃଷ୍ଟିବାଧିତ ଫୁଟବଲ ପ୍ରତିଯୋଗିତାରେ ଓଡ଼ିଶା ମହିଳା ଦଳ ସ୍ୱର୍ଣ୍ଣ ପଦକ ହାସଲ କରିଛି। ପୁରୁଷ ଦଳକୁ କାଂସ୍ୟପଦକ ମିଳିଛି। ମହିଳା ବର୍ଗରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଓଡ଼ିଶା ୧-୦ ଗୋଲ୍‌ରେ ପଶ୍ଚିମବଙ୍ଗକୁ ପରାସ୍ତ କରି ଚମ୍ପିଆନ ହୋଇଛି। ଦଳ ପକ୍ଷରୁ ପଦ୍ମିନୀ ଟୁଡୁ ଗୋଲ୍ କରିଥିଲେ। ସୂଚନା ଅନୁଯାୟୀ, ଓଡ଼ିଶାର ଉଭୟ ପୁରୁଷ ଓ ମହିଳା ଦଳ ଆଗାମୀ

ଆଇ.ବି.ଏଫ୍.ଏଫ୍. ଜାତୀୟ ଦୃଷ୍ଟିବାଧିତ ଫୁଟବଲ ଚମ୍ପିଆନସିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି।

Desk

## ପାଣିପାଗ

ଓଡ଼ିଶା ଉପକୂଳ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଫଳରେ ରାଜ୍ୟର ବିଭିନ୍ନ ସ୍ଥାନରେ ଭାବରେ ବର୍ଷା ଜାରି ରହିଛି । ଲଘୁଚାପ ପ୍ରଭାବରେ ଦକ୍ଷିଣ–ପଶ୍ଚିମ ମୌସୁମୀ ବାୟୁ ଆହୁରି ସକ୍ରିୟ ହେବା ଫଳରେ ରାଜ୍ୟର ବିଭିନ୍ନ ସ୍ଥାନରେ ଆସନ୍ତା ଦୁଇଦିନ ପର୍ଯ୍ୟନ୍ତ ବର୍ଷା ହେବାର ସମ୍ଭାବନା ରହିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଦେଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ ୯ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। ଲଘୁଚାପ ପ୍ରଭାବରେ ଘଣ୍ଟା ପ୍ରତି ୪୫ରୁ ୫୫ ଓ ସ୍ଥଳ ବିଶେଷରେ ଘଣ୍ଟା ପ୍ରତି ୬୫ କିଲୋମିଟର ପର୍ଯ୍ୟନ୍ତ ପବନ ବହିବାର ସମ୍ଭାବନା ଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧକୁ  ନ ଯିବାକୁ ପରାମର୍ଶ ଦିଆଯାଇଛି। ଗତ ୨୪ ଘଣ୍ଟା ମଧରେ ବରଗଡ଼ ଜିଲ୍ଲାର ସୋହେଲାଠାରେ ସର୍ବାଧିକ ୨୦୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।